# Akashvani, Sambalpur

## SAMBALPURI NEWS EVENING BULLETIN

## 6 july 2026-7.02- 7.12 pm.

---

୧- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପରିଚାଳନା ଆଉ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ରଥଯାତ୍ରା ବେଲ୍‌କେ ୩ ଶହ ନୁ ଅଏତ୍‌କା ଖାସ୍ ଟ୍ରେନ୍ ଚଲାଚଲ୍ ବାବ୍‌ଦେ ସୂଚ୍‌ନା ଦେଲେ କେନ୍ଦ୍ର ରେଲ୍ ମନ୍ତ୍ରୀ ।

୨- ପୁରୀ-କୋରାପୁଟ୍-ପୁରୀ ଏକ୍ସପ୍ରେସ୍ ଟ୍ରେନ୍ ଚଲାଚଲ୍‌ର ହେଲା ଶୁଭାରମ୍ଭ ।

- ଉତର୍ ଓଡ଼ିଶା ଲାଗି ଆଉ ଗୁଟେ ନୂଆଁ ଟ୍ରେନ୍‌ର ଘୋଷ୍‌ନା କଲେ ରେଲ୍‌ମନ୍ତ୍ରୀ ।

୩- ସାରା ରାଏଜେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନା ଅଧୀନ୍‌ଥି ୪୯୪ଟା ବିକାଶ୍ ମୂଳକ ପ୍ରକଳ୍ପର୍ ହେଲା ଶୁଭାରମ୍ଭ ।

ଆଉର୍

୪- ହୀରାକୁଦ୍ ଜଲ୍ଭଣ୍ଡାର୍‌ନୁ ଆଏବା ୯ ତାରିଖ୍ ଛଡ଼ାଯିବା ଇ ବଛ୍‌ରର୍ ପହେଲା ବଏଢ଼୍ ପାଏନ୍ ।

ରଥଯାତ୍ରା-ସମନ୍ୱୟ ବୈଠକ୍ ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର୍ ସୁପରିଚାଳନା ଲାଗି ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ଭିତ୍‌ରେ ସଠିକ୍ ତାଲ୍‌ମେଲ୍ ରଖିବାର୍ ବାବ୍‌ଦେ ଜୋର୍ ଦେଇଛନ୍ । ପୁରୀ ଟାଉନ୍‌ହଲ୍ ଠାନେ ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ନିର୍ଭୁଲ୍ ଭାବେ ରଥଯାତ୍ରାକେ ଶେଷ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ମାଝୀ କହିଛନ୍, ରଥଯାତ୍ରା ସାରା ଓଡ଼ିଶା, ଦେଶ୍ ଆଉ ପୁର୍‌ଥିର୍ ଶ୍ରୀଜଗନ୍ନାଥଙ୍କର୍ ଭକ୍ତମାନ୍‌କର୍ ଲାଗି ସବୁନୁ ପବିତ୍ର ଦିନ୍ ଆଏ । ସୁରକ୍ଷିତ୍ ରଥଯାତ୍ରା ଖାଲି ସର୍‌କାରୀ କର୍ତବ୍ୟ ନୁହେଁ, ଇଟା ସମ୍‌କର୍ ନୈତିକ୍ ଦାୟିତ୍ୱ ଆଏ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସବୁ କାମ୍‌ର ଜରୁରୀ ତଦାରଖ୍ ଉପ୍‌ରେ ଜୋର୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବୈଠକ୍‌ଥି ରଥଯାତ୍ରାର୍ ନୀତିକାନ୍ତି ଧାରିଜ୍ ସମିଆ ଭିତ୍‌ରେ କର୍‌ବାର୍, ସ୍ୱାସ୍ଥ୍ୟ, ପରିମଳ, ରାସ୍ତାଘାଟ, ଆଇନ୍‌ଶୃଙ୍ଖଳା,

ରେଲ୍ ଚଲାଚଲ୍‌କେ ନେଇକରି ଆଲୋଚନା କରାଯାଇଛେ । ସୁରକ୍ଷାକେ ନଜର୍‌ଥି ରଖିକରି ସିସିଟିଭି କେମ୍‌ରା ଲଗାଯାଇକରି କଂଟ୍ରୋଲ୍ ରୁମ୍‌ଜରିଏ ଟ୍ରାଫିକ୍ ଆଉ ଭିଡ୍ ନିୟନ୍ତ୍ରଣ୍ କର୍‌ବାର୍‌କେ ବ୍ୟବସ୍ଥା କରାଯାଇଛେ । ଆଏବା ୧୨ ତାରିଖ୍ ଭିତ୍‌ରେ ରେଲ୍‌ବାଇ ଆଉ ପରିବହନ୍ ବିଭାଗ୍‌ର ସବୁ କାମ୍ ଶେଷ୍ କର୍‌ବାର୍‌କେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତିଆର୍ ହେଇଥିବା ରୂପରେଖ ରଥଯାତ୍ରା ୨୦୨୬ ବହିକେ ଉନ୍ମୋଚନ୍ କରିଥିଲେ ।

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବେଲ୍‌କେ ପୁରୀକେ ୩ ଶହ ନୁ ଅଏତ୍‌କା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କର୍‌ବା ବଲି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ସବୁଦିନ ଚାଲୁଥିବା ୮ ଶହ ଟା ଟ୍ରେନ୍ ସହେତେ ଇ ଅଏତ୍‌କା ଟ୍ରେନ୍ ଚଲାଚଲ୍ କର୍‌ବା । ପୁରୀ ନ ୩୦ ହଜାର୍‌ନୁ ଅଏତ୍‌କା ଲୁକ୍‌କର୍ ଲାଗି ଅସ୍ଥାୟୀ

ରହେବାର୍ ବ୍ୟବସ୍ଥା କରାଯାଉଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।
(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ଟ୍ରେନ୍ ଶୁଭାରମ୍ଭ            ଆଇ.ଆଣ୍ଡ୍.ପି.ଆର୍

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ରେଲ୍‌ଷ୍ଟେସନ୍ ନ ପୁରୀ-କୋରାପୁଟ୍-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ର ଚଲାଚଲ୍‌ର ଶୁଭାରମ୍ଭ କରିଛନ୍ । ଇ ଟ୍ରେନ୍ ପୁରୀନୁ ସୋମବାର, ଗୁରୁବାର ଆଉ ଶନିବାର ଦିନ ଚାଲ୍‌ବା । ସେନ୍ତା ମଙ୍ଗଳବାର, ଶୁକ୍ରବାର ଆଉ ରବିବାର ଦିନ କୋରାପୁଟ୍‌ନୁ ଚାଲ୍‌ବା ।

ଇ ଟ୍ରେନ୍ ପୂର୍ବ, ପଶ୍ଚିମ, ଦକ୍ଷିଣ ଓଡ଼ିଶାକେ ଜୁଡ଼୍‌ବା ଆଉ ଦକ୍ଷିଣ ଆଉ ପଶ୍ଚିମ ଓଡ଼ିଶାର୍ ଭକ୍ତ ଆଉ ଯାତ୍ରୀମାନ୍‌କର୍ ଲାଗି ପୁରୀ ଆଉ ଭୁବ୍‌ନେଶ୍ୱର୍ ଯା'ଆସ୍ କର୍‌ବାର୍ ସୁବିଧା ଯୁଗାବା । ରଥଯାତ୍ରା ଆଘୋନୁ ଇ ଟ୍ରେନ୍‌ର ଲୋକାର୍ପଣ୍‌କେ ମୁଖ୍ୟମନ୍ତ୍ରୀ ଭକ୍ତମାନ୍‌କର୍ ଲାଗି ରେଲ୍‌ମନ୍ତ୍ରୀଙ୍କର୍ ଗୁଟେ ସୁନ୍ଦର୍ ଉପହାର୍ ବଲି କହିଥିଲେ । ଇ ଅବ୍‌ସରେ ରେଲ୍ ମନ୍ତ୍ରୀ ଓଡ଼ିଶା ନ ଚାଲିଥିବା ୯୭

ହଜାର୍ କୋଟି ଟଙ୍କାର୍ ରେଲ୍ ପ୍ରକଳ୍ପ ଆଉ ୫୯ ଟା ଷ୍ଟେସନ୍ ନ ଅମୃତ୍ ଭାରତ୍ ଯୋଜ୍ନାଥି ଆଧୁନିକୀକରଣ୍ ବାବ୍ଦେ ସୂଚ୍ନା ଦେଇଥିଲେ । ଇ ଅବ୍ସରେ ଉତର୍ ଓଡ଼ିଶା ଲାଗି ଭିଲ୍ ଗୁଟେ ଖାସ୍ ଟ୍ରେନ୍ ମୁଲ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଘୋଷ୍ନା କରିଥିଲେ ।

ଆଏଜ୍ ଉପର୍‌ବେଲା ବ୍ରହ୍ମପୁର୍-ଉଧନା ଅମୃତ୍ ଭାରତ୍ ଏକ୍ସପ୍ରେସ୍ ସବୁଦିନିଆ ଟ୍ରେନ୍ ଚଲାଚଲ୍‌ର ଭିଲ୍ ଶୁଭାରମ୍ଭ କରାଯାଇଛେ । ଆଘୋନୁ ବ୍ରହ୍ମପୁର୍- ଉଧନା ଏକ୍ସପ୍ରେସ୍ ଟ୍ରେନ୍ ହପ୍ତାକ ଥରେ ଆର୍ ତାର୍ ଉତ୍‌ରୁ ୩ ଦିନ୍ ଚାଲୁଥିଲା । ହେଲେ ଯାତ୍ରୀମାନ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ବ୍ରହ୍ମପୁର୍-ଉଧନା ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌କେ ସବୁଦିନ ଚଲାବାର୍ ଲାଗି ନିଷ୍ପତି ନିଆଯାଇଛେ ।

ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ-ଜୟନ୍ତୀ   ଆଇ.ଆଣ୍ଡ୍.ପି.ଆର୍

ବିଶିଷ୍ଟ ଜନନାୟକ ଆଉ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ଆଏଜ୍ ଶହେ ୨୫ ତମ ଜନ୍ମବାର୍ଷିକୀ ଅବ୍ସରେ ସାରା ଦେଶେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ଇ ଅବ୍ସରେ

ଆଏଜ୍ ସଖାଲ୍ ବେଲା ଭୁବ୍‌ନେଶ୍ୱର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ ପାର୍କ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମାଲ୍ୟାର୍ପଣ୍ କରିକରି କହିଛନ୍, ରାଷ୍ଟ୍ରର୍ ଏକତା, ଅଖଣ୍ଡତା ଆଉ ଜାତୀୟବାଦ୍ ଲାଗି ଡକ୍ଟର୍ ମୁଖାର୍ଜୀଙ୍କର୍ ଆଦର୍ଶ ଆଉ ଅବଦାନ୍ ସବୁବେଲେ ପ୍ରେରଣାର ଉତ୍ସ ହେଇକରି ରହେବା । ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ବାବୁ ସିଂହ  ଆଉ ଅଲ୍‌ଗା ନେତୃବୃନ୍ଦ ମାନେ ଉପସ୍ଥିତ୍ ଥିଲେ । ବେଲ୍‌ବୁଡ଼େ ଜୟଦେବ୍ ଭବନ୍ ଠାନେ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସମାରୋହଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେବେ ।

ଏମ୍ସ ଭୁବ୍‌ନେଶ୍ୱର            ଆଇ.ଆଣ୍ଡ୍.ପି.ଆର୍

ସ୍ୱାସ୍ଥ୍ୟକ୍ଷେତ୍ରଥି ଉଲ୍ଲେଖନୀୟ ଯାତ୍ରା ଜାରି ରଖ୍‌ବାର୍ ସହେତେ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ୍ ଏମ୍ସ ଭୁବ୍‌ନେଶ୍ୱର୍- ପ୍ରତିଷ୍ଠିତ୍ ଇଣ୍ଡିଆ ଟୁଡ଼େ - ଏମ୍.ଡି.ଆର୍.ଏ. ମେଡ଼ିକାଲ୍ କଲେଜ୍ ସର୍ଭେ ୨୦୨୬ ଥି ସାରା ଦେଶେ ୧୦ ନମ୍ବର୍ ଶ୍ରେଷ୍ଠ ମେଡ଼ିକାଲ୍

କଲେଜ୍ ଭାବେ ଠାନ୍ ପାଇଛେ । ଇତାର୍‌ସହେତେ ଇ ପ୍ରତିଷ୍ଠାନ୍ ଦେଶର୍ ଶ୍ରେଷ୍ଠ ଉନ୍ନତ୍ ମେଡ଼ିକାଲ୍ କଲେଜ୍ ବର୍ଗଥି ଭିଲ୍ ୨ ନମ୍ବର୍ ଠାନେ ରହିଛେ । ୨୦୨୧ ମସିହାର ଇ ସର୍ଭେଥି ଏମ୍ସ ଭୁବ୍‌ନେଶ୍ୱର୍ ୨୫ ନମ୍ବର୍ ଜାଗାଥି ଥିବାର୍ ବେଲେ ୫ ବଛ୍‌ରେ ୧୦ ନମ୍ବର୍ ଜାଗାକେ ପୁହୁଁଚିପାରିଛେ । ଶିକ୍ଷାଗତ ଉତ୍କର୍ଷ, ଗବେଷଣା, ଭିତିଭୂମି, ନେତୃତ୍ୱ ବିକାଶ୍ ଆଉ ନିଯୁକ୍ତି ବାଗିର୍ ୫ ଟା ମାପଦଣ୍ଡଥି ଇ ରେଙ୍କିଙ୍ଗ୍ ଦିଆଯାଇଛେ । ଏମ୍ସ ଭୁବ୍‌ନେଶ୍ୱର୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ୍ ଡକ୍ଟର୍ ଆଶୁତୋଷ୍ ବିଶ୍ୱାସ୍ ଇ ଉତ୍କର୍ଷ ନିରନ୍ତର୍ ଚେରେଷ୍ଟାର୍ ଫଲ୍ ଆଏ ବଲି କହିଛନ୍ । ଇ ଅବ୍‌ସରେ ସେ ଅଧ୍ୟାପକ, କର୍ମଚାରୀ ଆଉ ଛାତ୍ରଛାତ୍ରୀମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଅଧୀନ ଆଇ.ଆଣ୍ଡ୍.ପି.ଆର୍

ଆଧୁନିକ, ସହନଶୀଳ ଆଉ ନାଗରିକ ଅନୁକୂଳ ସହରାଂଚଲ୍ ଗଠନ୍ ଲାଗି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ବିଭାଗ ତର୍‌ଫୁ ଆଏଜ୍ ସାରା ରାଏଜେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନା ଅଧୀନ୍‌ଥି ୪୯୪ଟା ବିକାଶ୍ ମୂଳକ ପ୍ରକଳ୍ପର୍ ଶୁଭାରମ୍ଭ

କରାଯାଇଛେ । ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ପୁରା ହେଇଥିବା ପ୍ରକଳ୍ପ ମାନ୍‌କର୍ ଉଦ୍‌ଘାଟନ୍ ସହେତେ ଶିଲାନ୍ୟାସ୍ କରିଛନ୍ । ୩୭ ଟା ସହରାଂଚଲ୍ ସ୍ଥାନୀୟ ସଂସ୍ଥା ନ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଅଧୀନ୍‌ଥି ୭୪ କୋଟି ୮୭ ଲାଖ୍ ଟଙ୍କାର୍ ୪ ଶହ ୯୪ ଟା ପ୍ରକଳ୍ପର୍ ଶୁଭାରମ୍ଭ କରାଯାଇଛେ । ଇଥି ୩୧ ଟା ପୌରାଂଚଲ୍‌ର ୩୬ କୋଟି ୭୯ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୩ ଶହ ୪୪ ଟା ପ୍ରକଳ୍ପର୍ ଲୋକାର୍ପଣ୍ ହେଇଛେ । ସେନ୍ତା ୧୯ ଟା ପୌରାଂଚଲ୍ ନ ୩୭ କୋଟି ୯ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ଶହେ ୫୦ ଟା ନୂଆଁ ପ୍ରକଳ୍ପର୍ ଶିଲାନ୍ୟାସ୍ କରାଯାଇଛେ । ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ରାସ୍ତା, ପାଏନ୍ କାଢ଼୍‌ବାର୍ ବ୍ୟବସ୍ଥା, ଗୋଷ୍ଠୀଗତ ଭିତିଭୂମି ଆଉ ଅଲ୍‌ଗା ଜନସେବା ସାମିଲ୍ ରହିଛେ ।

ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର ସରକାରୀ ଆଉ ଅନୁଦାନପ୍ରାପ୍ତ ବିଦ୍ୟାଳୟର୍ ୩ ନୁ ୮ ଶ୍ରେଣୀ ତକ୍ ଛାତ୍ରଛାତ୍ରୀ ମାନ୍‌କୁ ବଛରକ ୪ ଟା ପରୀକ୍ଷା ଦେବାର୍‌କେ ପଡ଼୍‌ବା ବଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଏପ୍ରିଲ୍‌ନୁ ସେପ୍ଟେମ୍ବର୍ ମାସ୍ ଭିତ୍‌ରେ ୨ ଟା ଆଉ ଅକ୍ଟୋବର୍‌ନୁ ମାର୍ଚ୍ଚ ମାସ୍ ଭିତ୍‌ରେ ଆଉ ୨ ଟା ପରୀକ୍ଷା ଦେବାର୍‌କେ ପଡ଼୍‌ବା । ଗୁଟେ ଶିକ୍ଷା ବଛ୍‌ରେ ଛାତ୍ରଛାତ୍ରୀମାନ୍‌କୁ ୨ ଟା ଲେଖା ମୂଲ୍ୟାୟନ୍ ଆଉ ଆସେସ୍‌ମେଂଟ୍, ସମାପ୍ତି ସୂଚକ ମୂଲ୍ୟାୟନ୍ ଦେବାର୍‌କେ ପଡ଼୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଏସ୍.ଆଇ.ଆର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍.ଆଇ.ଆର୍. ଚିଠା ତାଲିକା ବାହାରିଛେ । ବୀର୍‌ମହାରାଜ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀଥି ୨ ଲାଖ୍ ୬ ହଜାର୍ ୨୫ ଝନ୍ ମତଦାତା ରହିଥିବାର୍ ବେଳେ ସୋନ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀଥି ୨ ଲାକ୍ ୪୭

ହଜାର୍ ୫ ଶହ ୩୬ ଝନ୍ ମତାଦାତା ରହିଛନ୍ ବଲି ଜନାପଡ଼ିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉପର୍‌ମୁଡ଼େ ଜବର୍ ବର୍ଷା ହେବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଇତାକେ ନଜର୍‌ଥି ରଖିକରି ହୀରାକୁଦ୍ ଜଲ୍‌ଭଣ୍ଡାର୍ କର୍ତୃପକ୍ଷଙ୍କର୍ ତର୍‌ଫୁ ଆଏବା ୯ ତାରିଖ୍ ଇ ବଛ୍‌ରର୍ ପହେଲା ବଏଢ଼୍ ପାଏନ୍ ଛଡ଼ାଯିବାର୍‌କେ ନିଷ୍ପତି ନିଆଯାଇଛେ । ସେଦିନ ସଖାଲର୍ ୧୧ ବଜେ ପୂଜା ଉତ୍‌ରୁ ଜଲ୍‌ଭଣ୍ଡାର୍ ନୁ ବଏଢ଼୍ ପାଏନ୍ ଛଡ଼ାଯିବା । ଇଥିର୍‌ଲାଗି ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ଡେମ୍ କର୍ତୃପକ୍ଷଙ୍କର୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗେଟ୍ ଖୁଲ୍‌ବାର୍ ବେଲ୍‌କେ ମହାନଦୀ ଭିତର୍‌କେ ଯେନ୍ତା କେହି ନାଇଁଯିବେ ସେଥିର୍‌ଲାଗି ସତର୍କ କରାଯାଇଛେ । ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢ଼ିକରି ୬ ଶହ ୩ ଦଶ୍‌ମିକ୍ ୮/ ୯ ଫୁଟ୍‌ଥି ପୁହୁଁଚିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍- ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ତାକେ ଲାଗିକରିଥିବା ଉତର୍ ଓଡ଼ିଶା- ପଶ୍ଚିମବଙ୍ଗ ସମୁଦ୍ର ଖଁଡ଼ି ନ ହେଇଥିବା ଲଘୁଚାପ୍ ଅବପାତଥି ବଦ୍ଲିବାର୍ ସହେତେ ପଶ୍ଚିମ-ଉତର୍- ପଶ୍ଚିମ ଦିଗ୍କେ ଯାଇକରି ସ୍ଥଲ୍ଭାଗ୍ ପାର୍ କରିଚେ। ବାଲେଶ୍ୱର୍ ପାଶେ ଉତର୍ ଉପକୂଳ ଓଡ଼ିଶା ପାର୍ କରିଥିବାର୍ ଜନାପଡ଼ିଛେ। ଆଏବା ୨୪ ଘଂଟା ଭିତ୍ରେ ଇ ଅବପାତ୍ ଉତର୍ ଓଡ଼ିଶା ଆଉ ତାକେ  ଲାଗିକରି ଥିବା ଦକ୍ଷିଣ୍ ଝାର୍ଖଣ୍ଡ ଆଉ ଉତର୍ ଛତିଶ୍ଗଡ଼୍ ଦେଇକରି ଯିବା ବଲି ଅନୁମାନ୍ କରାଯାଇଛେ। ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ଲାଗି ରହିଛେ। ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆଏଜ୍ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ଅନୁଗୁଳ ଆଉ କନ୍ଧମାଳ ଜିଲ୍ଲା ନ ଅତି ଜବର୍ ବର୍ଷା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ। ଗଲା ୨୪ ଘଂଟା ଭିତ୍ରେ ସୋନ୍ପୁର୍ ଠାନେ ସବୁନୁ ଅଏତ୍କା ୩ ଶହ ୨୮ ଦଶ୍ମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଥିବାର୍ ବେଲେ ସମ୍ବଲ୍ପୁର୍ ମହାନଗର୍ ନିଗମ୍ ଇଲାକା ନ ୨ ଶହ ୨୦ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ। ବୌଦ୍ଧ ଜିଲ୍ଲା

ନ ଲଗାତାର୍ ବର୍ଷା ଲାଗି ହର୍ଭଙ୍ଗା ବ୍ଲକ୍ ଗୁଣ୍ଡୁରିବିଡ଼ା ଗାଁ ନ ବଏଢ଼୍ ଥିତି ଦେଖ୍ବାର୍କେ ମିଲିଛେ । ମହାନଦୀ, ତେଲ୍, ସାଲୁଙ୍କି ଆଉ ବାଘ ନଦୀର୍ ଜଲ୍ସ୍ତର୍ ବଢ଼୍ବାର୍କେ ଲାଗିଛେ ।

ପାଣିପାଗ- ୨ ଆର୍ଏନ୍ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ନ ଜବର୍ ବର୍ଷା ହେଇଥିବାର୍ନୁ ସାଧାରଣ୍ ଜନଜୀବନ୍ ପ୍ରଭାବିତ୍ ହେଇଛେ । ମହାନଦୀ, ଅଙ୍ଗ, ତେଲ୍, ସୁକ୍ତେଲ୍ ନଦୀର୍ ଜଲ୍ସ୍ତର୍ ବଢ଼ିଛେ । ଖାସ୍ କରି ବୀର୍ମହାରାଜ୍ପୁର୍ ଉପଖଣ୍ଡର ଭୂତିଆପାଲି ଠାନେ ରାସ୍ତା ଉପ୍ରେ ପାଏନ୍ ଯାଉଛେ । ଇଥିର୍ଲାଗି ଭିନ୍ ଭିନ୍ ଜାଗା ନ ଯିବାର୍ ଆସ୍ବାର୍ ପ୍ରଭାବିତ୍ ହେଇଛେ ।